# Visit of External Affairs Minister to Bangladesh (April 28, 2022)

April 28, 2022

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ବାଙ୍ଗଲାଦେଶ ଗସ୍ତ (28 ଏପ୍ରିଲ 2022)

**ଏପ୍ରିଲ 28, 2022**

ଦୁଇ ଦେଶ ମଧ୍ୟରେ ଘନିଷ୍ଠ ଭ୍ରାତୃଭାବକୁ ଦୃଷ୍ଟିରେ ରଖି ତଥା ଆମର ନିୟମିତ ଉଚ୍ଚସ୍ତରୀୟ ଆଦାନ ପ୍ରଦାନ ଜାରି ରଖି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ବାଙ୍ଗଲାଦେଶ ଗସ୍ତରେ ଯାଇଛନ୍ତି।

2. ଆଜି ଅପରାହ୍ନରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ବାଙ୍ଗଲାଦେଶର ପ୍ରଧାନମନ୍ତ୍ରୀ ମାନ୍ୟବର ଶେଖ ହସିନାଙ୍କୁ ଭେଟି ଚଳିତ ବର୍ଷ ଶେଷରେ ନିଜ ସୁବିଧାନୁସାରେ ଭାରତ ଗସ୍ତରେ ଆସିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆମନ୍ତ୍ରଣ ପ୍ରଦାନ କରିଥିଲେ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସହ ପାରସ୍ପରିକ ସ୍□ାର୍ଥର ଦ୍□ିପାକ୍ଷିକ, ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମଧ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ମତ ବିନିମୟ କରିଥିଲେ।

3. ବୈଦେଶିକ ବ୍ୟାପାର ମନ୍ତ୍ରୀ ତାଙ୍କ ବାଙ୍ଗଲାଦେଶ ପ୍ରତିପକ୍ଷ ବୈଦେଶିକ ମନ୍ତ୍ରୀ ଡକ୍ଟର ଏ କେ ଅବଦୁଲ ମୋମେନଙ୍କୁ ମଧ୍ୟ ଭେଟିଥିଲେ ଏବଂ ପ୍ରଧାନମନ୍ତ୍ରୀ ମାନ୍ୟବର ଶେଖ ହସିନାଙ୍କ ଗସ୍ତ ପୂର୍ବରୁ ଭାରତରେ ଆୟୋଜିତ ହେବାକୁ ଥିବା ମିଳିତ ବିଚାର ବିମର୍ଷ ଆୟୋଗର ପରବର୍ତ୍ତୀ ବୈଠକରେ ଯୋଗଦେବାକୁ ତାଙ୍କୁ ଆମନ୍ତ୍ରଣ କରିଥିଲେ।

4. କୂଟନୈତିକ ସମ୍ପର୍କ ସ୍ଥାପନାର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଉଭୟ ପକ୍ଷ ଉଚ୍ଚସ୍ତରୀୟ ଗସ୍ତର ଗତି ବଜାୟ ରଖିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ଅଗ୍ରଗତି ଏବଂ ଏହାକୁ ଆହୁରି ମଜବୁତ କରିବାର ଉପାୟର ସମୀକ୍ଷା କରିବାକୁ ଏକ ସୁଯୋଗ ପ୍ରଦାନ କରିଥିଲା।

**ଢାକା**

**ଏପ୍ରିଲ 28, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.